# NATIONAL NEWS BULLETIN (ODIA)

**3 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ-ରୁଷ୍ ମଧ୍ୟରେ ପ୍ରତିରକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶମୂଳକ ପଦକ୍ଷେପ ଲାଗି ଆସନ୍ତା ଡିସେମ୍ବର ମାସରେ ଭାରତ ଆସିବେ ରୁଷ୍ ରାଷ୍ଟ୍ରପତି ।

- ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ୮ ପ୍ରତିଶତ ଜିଡିପି ଆବଶ୍ୟକତା ରହିଥିବା କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ।

- ଦେଶର ଦୁଗ୍ଧ କ୍ଷେତ୍ର ଗତ ୧୧ ବର୍ଷ ମଧ୍ୟରେ ୭୦ ପ୍ରତିଶତ ବୃଦ୍ଧି ପାଇଛି - କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ପରବର୍ତ୍ତୀ ଜିଏସ୍‌ଟି ସଂସ୍କାରରେ କ୍ଷୁଦ୍ର କାର୍ ଓ ଦୁଇଚକିଆ ଯାନ ଶସ୍ତା ହେବା ଫଳରେ ମଧ୍ୟବିତ୍ତବର୍ଗଙ୍କୁ ମିଳୁଛି ସୁବିଧା ।

ଏବଂ

- ଅହମ୍ମଦାବାଦରେ ଚାଲିଥିବା କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୱେଷ୍ଟଇଣ୍ଡିଜ୍ ବିରୋଧରେ ପ୍ରଥମ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ରଖିଛି ଭାରତ ।

# ପୁଟିନ୍ ଇଣ୍ଡିଆ ଭିଜିଟ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଚଳିତ ବର୍ଷ ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବେ । ରୁଷ୍ ପ୍ରଶାସନର ସୂଚନା ଅନୁଯାୟୀ ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ବାର୍ଷିକ ସମ୍ମିଳନୀରେ ଶ୍ରୀ ପୁଟିନ୍ ଯୋଗଦେବେ । ଭାରତ ଗସ୍ତ ବିଷୟ ସ୍ପଷ୍ଟକରି ରୁଷ୍‌ର ମୁଖପାତ୍ର ଦିମିତ୍ରି ପେସ୍‌କଭ୍ କହିଛନ୍ତି, ଏହି ସମ୍ମିଳନୀ ଆସନ୍ତା ନୂଆବର୍ଷ ପୂର୍ବରୁ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ପୁଟିନ୍‌ଙ୍କ ଭାରତ ଗସ୍ତ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ୨୦୨୨ ମସିହାରେ ରୁଷ୍-ୟୁକ୍ରେନ୍ ସଂଘର୍ଷ ପରେ ରୁଷ୍ ନେତାଙ୍କ ଏହା ପ୍ରଥମ ଭାରତଗସ୍ତ ହେବ ।

ଭାରତ ଗସ୍ତ ନେଇ ରୁଷ୍ ରାଷ୍ଟ୍ରପତି ଆଗ୍ରହୀ ଥିବା କହିଛନ୍ତି । ୨୦୨୫ ଭଲଦାୟୀ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ପୁଟିନ୍ କହିଛନ୍ତି, ଭାରତ ରୁଷ୍‌ର ଏକ ଭରସାଯୋଗ୍ୟ ସହଯୋଗୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ ବିଜ୍ଞ ନେତା ଓ ଦୃଢ଼ ବ୍ୟକ୍ତିତ୍ୱ ବୋଲି ସେ କହିଛନ୍ତି ।

ଉଭୟ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ କାରବାର ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଆଗାମୀ ଦିନରେ ଏହାକୁ ଆହୁରି ସଶକ୍ତ କରିବା ଉପରେ ରୁଷ୍ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଥିବା ବିଭିନ୍ନ ସୁଯୋଗର ସଦ୍‌ବ୍ୟବହାର ଲାଗି ପଦକ୍ଷେପ ଗ୍ରହଣ କରାଯିବ । ବିଶେଷକରି ପରିବହନ କ୍ଷେତ୍ରରେ ଦେଖାଦେଉଥିବା ଅସୁବିଧାକୁ ଦୂର କରି ଯେଭଳି ସୀମାପାର ଦେୟ ବ୍ୟବସ୍ଥାକୁ ତ୍ୱରିତ କରାଯାଇପାରିବ, ସେନେଇ ମଧ୍ୟ ଦ୍ୱିପକ୍ଷୀୟ ଆଲୋଚନା କରାଯିବ । ଏନେଇ ରୁଷ୍ ରାଷ୍ଟ୍ରପତି ଆଗୁଆ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି । ଉଭୟ ଦେଶ ଆନ୍ତର୍ଜାତିକ ରାଜନୈତିକ ଘଟଣାବଳୀ ଉପରେ

ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ବ୍ୟତୀତ ସାଂସ୍କୃତିକ କ୍ଷେତ୍ର ମଧ୍ୟ ବିକଶିତ ହେଉଥିବା ଶ୍ରୀ ପୁଟିନ୍ କହିଛନ୍ତି । ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବଂ ରୁଷ୍ ମଧ୍ୟରେ ଗଭୀର ସମ୍ପର୍କ ରହିଛି ବୋଲି ସେ କହିଛନ୍ତି ।

---

## ସୀତାରମଣ କୌଟିଲ୍ୟ କନ୍‌କ୍ଲେଭ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ୮ ପ୍ରତିଶତ ଜିଡିପି ବୃଦ୍ଧି ଆବଶ୍ୟକ । ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀମତୀ ସୀତାରମଣ କହିଛନ୍ତି ଦେଶର ଅର୍ଥନୀତି ସହନଶୀଳ ରହିଛି, ଯାହାଫଳରେ ଅର୍ନ୍ତଭୁକ୍ତିମୂଳକ ବିକାଶ ଘଟିବା ସହ ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ତା'ର ଅର୍ଥନୈତିକ ଦକ୍ଷତା ପ୍ରତିପାଦିତ କରିପାରିଛି । ସେ କହିଛନ୍ତି ଦେଶର ନିଜସ୍ୱ କ୍ଷେତ୍ର ସହ ବିଶ୍ୱସ୍ତର ପର୍ଯ୍ୟନ୍ତ ଭାରତର ବିକାଶ ଦୃଢ଼ ରହିଛି । ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଦ୍ୱନ୍ଦ୍ୱ ମଧ୍ୟରେ ଭାରତ କିଭଳି ଭାବେ ନିଜର ଅର୍ଥନୈତିକ ସ୍ଥିରତା ପ୍ରତିପାଦିତ କରିପାରବ, ତାହା ବର୍ତ୍ତମାନ ସମୟର ଆବଶ୍ୟକତା ।

ଅର୍ଥମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଟି ଲକ୍ଷ୍ୟ ନିର୍ଦ୍ଧାରିତ କରିଛନ୍ତି । ଗୋଟିଏ ହେଉଛି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂଣ କରିବା ଏବଂ ଦ୍ୱିତୀୟଟି ହେଉଛି ଆତ୍ମନିର୍ଭାର ହେବା । ବିଶ୍ୱସ୍ତରରେ ନିଜର ଆଦର୍ଶ ପ୍ରତିପାଦିତ କରି ଆତ୍ମନିର୍ଭରଶୀଳ ହେବାଲାଗି ଦୃଢ଼ତା ଅବଲମ୍ବନ କରିବା ଉପରେ ଅର୍ଥମନ୍ତ୍ରୀ ସୀତାରମଣ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱରେ ବିଭିନ୍ନ ସମସ୍ୟା ଲାଗିରହିଥିଲେ ମଧ୍ୟ ଭାରତର ଅର୍ଥନୀତିକୁ ନୀତି ନିର୍ଦ୍ଧାରଣ ମାଧ୍ୟମରେ ଦୃଢ଼ କରିବାର ଆବଶ୍ୟକତା ରହିଛି ।

---

# ଅମିତ ଶାହା-ହରିୟାଣା

ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଦୁଗ୍ଧକ୍ଷେତ୍ର ୭୦ ପ୍ରତିଶତ ବୃଦ୍ଧି ପାଇବା ସହ ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏବେ ସାରା ବିଶ୍ୱରେ ଭାରତର ଦୁଗ୍ଧକ୍ଷେତ୍ର ସବୁଠାରୁ ବିକଶିତ କ୍ଷେତ୍ର ଭାବେ ପରିଗଣିତ ହେଉଛି । ମନ୍ତ୍ରୀ ଶ୍ରୀ ଶାହା ଆଜି ରୋହତଗ ଆଇଏମ୍‌ଟିରେ ନୂତନ ଭାବେ ନିର୍ମିତ ଶାବର ଡେରୀ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି ।

ଶ୍ରୀ ଶାହା କହିଛନ୍ତି ୩୨୫ କୋଟି ଟଙ୍କା ନିବେଶ କରି ଶାବର ଡେରୀ ଦେଶର ସର୍ବବୃହତ୍ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହାଦ୍ୱାରା ଦୁଗ୍ଧ ଚାଷୀମାନଙ୍କ ଆବଶ୍ୟକତା ପୂରଣ ସହ ସେମାନେ ଅଧିକ ଲାଭାନ୍ୱିତ ହୋଇପାରିବେ । ଏହାଛଡା ଏହି ପ୍ଲାଣ୍ଟ ଜରିଆରେ ଏନ୍‌ସିଆର୍ ଅଞ୍ଚଳର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ । ଦୈନିକ ୬୬୦ ଲକ୍ଷ ଲିଟର କ୍ଷୀର ପ୍ରକ୍ରିୟାକରଣ କ୍ଷମତା ଥିବା ଏହି ପ୍ଲାଣ୍ଟର କ୍ଷମତା ୨୦୨୮-୨୯ ସୁଦ୍ଧା ଦୈନିକ ଏକହଜାର ଲକ୍ଷ୍ୟ ମେଟ୍ରିକ ଟନ୍ କରାଯିବାକୁ ଯୋଜନା ରହିଛି ।

**V/O (Amit Saha-Sabar Dairy)**

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି ଦେଶରେ ସମବାୟ କ୍ଷେତ୍ରକୁ ଦୃଢ଼ କରିବା ସହ ଲୋକମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ଯୋଗାଇଦେବା ଲାଗି କେନ୍ଦ୍ର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ।

---

# ଜି.ଏସ୍.ଟି. ରିଫର୍ମସ - ଟୁ ହୁଇଲର ଆଣ୍ଡ କାର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷଣା କରାଯାଇଥିବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଲାଭ ଦେଉଥିବା ଜଣାପଡ଼ିଛି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ସେବା ଏବଂ ସାମଗ୍ରୀ ଉପରେ ଟିକସ ହ୍ରାସ ପାଇବାଦ୍ୱାରା ସାଧାରଣ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଦେଶର ସାମଗ୍ରିକ ବିକାଶରେ ଜି.ଏସ୍.ଟି. ସଂସ୍କାରର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।

***Voice (PM Modi - GST)*** :..........

ଜିଏସ୍‌ଟି ପରିଷଦର ନିଷ୍ପତ୍ତି ଅନୁଯାୟୀ ଦୁଇଚକିଆ ଯାନ ଏବଂ କ୍ଷୁଦ୍ର କାର୍ ଉପରେ ଟିକସ ହ୍ରାସ ହେବା ପରେ ସାଧାରଣ ଏବଂ ମଧ୍ୟବିତ୍ତ ବର୍ଗର ଲୋକମାନେ ଅଧିକରୁ ଅଧିକ କ୍ରୟ କ୍ଷମତା ଆହରଣ କରିଛନ୍ତି । କ୍ଷୁଦ୍ର କାର୍ ଉପରେ ପୂର୍ବରୁ ଲାଗୁ ହୋଇଥିବା ୨୮ ପ୍ରତିଶତ ଟିକସ ବଦଳରେ ଏବେ ୧୮ ପ୍ରତିଶତ ଟିକସ ଲାଗୁ ହୋଇଛି ।

କେନ୍ଦ୍ର ସରକାର କହିଛନ୍ତି ଛୋଟ ସହର ଗୁଡ଼ିକରେ କ୍ଷୁଦ୍ର କାର୍‌ର ଚାହିଦା ଅଧିକ ରହିଥିବାବେଳେ ଏବେ ମଧ୍ୟବିତ୍ତବର୍ଗର ପରିବାରଗୁଡ଼ିକ ତାହା କ୍ରୟ କରିପାରିବେ । ଅନ୍ୟପକ୍ଷରେ ୩୫୦ ସିସିରୁ କମ୍ ଦୁଇଚକିଆ ଯାନ ଉପରେ ମଧ୍ୟ ୧୦ ପ୍ରତିଶତ ଜିଏସ୍‌ଟି ହ୍ରାସ କରାଯାଇଛି । ଫଳରେ ଦୈନନ୍ଦିନ ଯାତାୟାତ କରୁଥିବା ଲୋକମାନଙ୍କ ପାଇଁ ଏବେ ଦୁଇଚକିଆ ଯାନ କିଣିବା ସହଜ ହୋଇପାରିବ । ଏ କ୍ଷେତ୍ରରେ ହୋଇଥିବା ଟିକସ ହ୍ରାସ ନେଇ ଜଣେ ଦୋକାନୀ କହିଛନ୍ତି...

***Voice (GST)*** :..........

ଏହିସବୁ ପରିବର୍ତ୍ତନ ଫଳରେ ଲୋକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଉଭୟ ନିର୍ମାତା, ଉପଭୋକ୍ତା ଏବଂ ବିକ୍ରେତା ସହଜରେ ବ୍ୟବସାୟ କରିବାର ସୁବିଧା ଅନୁଭବ କରିବେ ବୋଲି କୁହାଯାଇଛି ।

## ପିଏଲ୍ଆଇ ଆପ୍ଲିକେସନ ଡେଟ୍

ଟେକ୍ସଟାଇଲ କ୍ଷେତ୍ରରେ ଉତ୍ପାଦକତା ସହିତ ଜଡିତ ପ୍ରୋତ୍ସାହନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସରକାର ଆବେଦନର ଶେଷ ତାରିଖକୁ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ବିନିଯୋଗକାରୀଙ୍କ ପାଇଁ ଏହା ଏକ ସୁଯୋଗ, ଯାହାଦ୍ୱାରା ଏହି ଯୋଜନାରେ ସେମାନେ ଲାଭାନ୍ୱିତ ହୋଇପାରିବେ । ଇଚ୍ଛୁକ ଆବେଦନକାରୀ ମନ୍ତ୍ରଣାଳୟର ସରକାରୀ ପୋର୍ଟାଲରେ ଏଥିନିମିତ୍ତ ଆବେଦନ କରିପାରିବେ ।

## ଜୟଶଙ୍କର-ଇରାକ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଇରାକ୍ର ରାଷ୍ଟ୍ରୀୟ ଦିବସ ଅବସରରେ ଇରାକ୍ର ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି ଭାରତ ଏବଂ ଇରାକ୍ ମଧ୍ୟରେ ବନ୍ଧୁତା ପ୍ରଗତିର ପଥରେ ଆଗେଇଯିବ ।

## ଇଣ୍ଡିଆ-ଆଇଏସ୍ଏସ୍ଏ ଆୱାର୍ଡ

ଭାରତକୁ ସାମାଜିକ ସୁରକ୍ଷା ୨୦୨୫ ପାଇଁ ଉତ୍କୃଷ୍ଟ ଉପଲବ୍ଧି ନିମିତ୍ତ ଅନ୍ତରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ସଂଘ ଆଇଏସ୍ଏସ୍ଏ ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ମନସୁଖ ମାଣ୍ଡବୀୟ ମାଲେସିଆରେ କ୍ୱାଲାଲାମପୁରରେ ଆଇଏସ୍ଏସ୍ଏ ବିଶ୍ୱ ସାମାଜିକ ସୁରକ୍ଷା ସମାବେଶରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଶ୍ରୀ ମାଣ୍ଡବୀୟ କହିଛନ୍ତି

ପ୍ରତ୍ୟେକ ନାଗରିକଙ୍କର ସାମାଜିକ କଲ୍ୟାଣ ସୁନିଶ୍ଚିତ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସର ଏହା ନିଦର୍ଶନ । ଇ-ଶ୍ରମ ପୋର୍ଟାଲ ସମ୍ବନ୍ଧରେ ଶ୍ରୀ ମାଣ୍ଡବୀୟ କହିଛନ୍ତି ଦେଶରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ବୃଦ୍ଧି ଘଟିଛି । ୨୦୧୫ ମସିହାରେ ଏହା ୧୯ ପ୍ରତିଶତ ଥିବାବେଳେ ୨୦୨୫ରେ ଏହା ୬୪ ଦଶମିକ ୩ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ୯୪ କୋଟିରୁ ଅଧିକ ଲୋକଙ୍କୁ ସାମାଜିକ ସୁରକ୍ଷାର ଲାଭ ମିଳୁଛି । ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଆଇଏସ୍‌ଏସ୍‌ଏରେ ସରକାର ଇ-ଶ୍ରମ ପୋର୍ଟାଲକୁ ପରିବର୍ତ୍ତନ କରିଛନ୍ତି । ଯାହାଦ୍ୱାରା ଗତ ୪ବର୍ଷ ମଧ୍ୟରେ ୩୦ କୋଟିରୁ ଅଧିକ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କର ପଞ୍ଜିକରଣ ହୋଇପାରିଛି । ସାମାଜିକ ସୁରକ୍ଷା ଅଧୀନରେ ଅନ୍ୟାନ୍ୟ ଅଗ୍ରଣୀ ରାଷ୍ଟ୍ରମାନଙ୍କ ସହିତ ଏବେ ଭାରତ ସାମିଲ ହୋଇପାରିଛି ।

---

## କ୍ରିକେଟ୍ - ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଚାଲିଥିବା ଦୁଇ ମ୍ୟାଚ୍ ସିରିଜ୍‌ର ପ୍ରଥମ ଟେଷ୍ଟର ଆଜି ଦ୍ୱିତୀୟ ଦିନରେ ଭାରତ ଗତକାଲିର ୨ ୱିକେଟ୍‌ରେ ୧୨୧ ରନ୍‌ରୁ ପ୍ରଥମ ଇନିଙ୍ଗ୍‌ସ୍ ଜାରି ରଖିଛି । ଆମର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଭାରତ ୪ ୱିକେଟ୍‌ରେ ୩୧୩ରନ୍ ସଂଗ୍ରହ କରିଛି । ରବୀନ୍ଦ୍ର ଜାଡେଜା ୪୨ ରନ୍ ଏବଂ ଧ୍ରୁବ୍ ଜୁରେଲ୍ ୬୩ ରନ୍ କରି ଅପରାଜିତ ଅଛନ୍ତି । ଲୋକେଶ ରାହୁଲ ୧୦୦ରନ୍ କରିଥିବାବେଳେ ଶୁଭମନ ଗିଲ୍ ୫୦ରନ୍ କରି ଆଉଟ୍ ହୋଇଛନ୍ତି ।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଙ୍ଗ୍‌ସରେ ୧୬୨ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ଭାରତ ପକ୍ଷରୁ ମହମ୍ମଦ ସିରାଜ୍ ୪ଟି ଏବଂ ଯଶପ୍ରୀତି ବୁମ୍‌ରାହ ୩ଟି ୱିକେଟ୍ ନେଇଥିଲେ ।

---